## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ଜିଲାସ୍ତରୀୟ ବିଶ୍ୱ ଏଡ୍ସ ଦିବସ
ସ୍ଥାନ: ଜିଲା ଚିକିତ୍ସାଳୟ ସମ୍ମିଳନୀ କକ୍ଷ
ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡ୍ସ ଦିବସ ଅବସରରେ ପ୍ରତିଯୋଗିତା
ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର ପରିସର
ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବିଏସ୍ଏନ୍ଏଲ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ



ଢେଙ୍କାନାଳ ଅଫିସ, ୩୦।୧୧

ଢେଙ୍କାନାଳ ବିଏସ୍ଏନ୍ଏଲ କାର୍ଯ୍ୟାଳୟରେ ନଭେମ୍ବର ୧୫ରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ପକ୍ଷ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମହାପ୍ରବନ୍ଧକ ପ୍ରଦୀପ କୁମାର ମଲ୍ଲିକ ଯୋଗଦେଇ କହିଲେ, ନିଜ ଆଖପାଖ ପରିବେଶରୁ ସ୍ୱଚ୍ଛତା ଆରମ୍ଭ ହେବା ଉଚିତ। ପଲିଥିନ, ପ୍ଲାଷ୍ଟିକ୍ ବ୍ୟବହାର ନିଷିଦ୍ଧ କରିବା ଦିଗରେ ସମସ୍ତେ ଯତ୍ନଶୀଳ ହେଲେ ପରିବେଶ ସବୁଜସୁନ୍ଦର ହୋଇପାରିବ ଏବଂ ସ୍ୱଚ୍ଛତା ପକ୍ଷର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ। ବିଏସ୍ଏନ୍ଏଲ୍ର ବରିଷ୍ଠ ଅଧିକାରୀମାନେ କଲୋନୀ ପରିସରରେ ସ୍ୱଚ୍ଛତା ରକ୍ଷା ଦିଗରେ ଆଲୋଚନା କରିଥିଲେ। ସଞ୍ଜୀବ ରାଉତରାୟ, ସୁଶାନ୍ତ ନାଥ, ବୃନ୍ଦାବନ ବେହେରା, ତପସ୍ୱୀ ବେହେରା, ରବୀନ୍ଦ୍ର ଷଡ଼ଙ୍ଗୀ, ଲକ୍ଷ୍ମୀକାନ୍ତ ସାହୁ, ଧ୍ରୁବଚରଣ ସାମଲ, ମନୋଜ ବିଶ୍ୱାଳ, ରଶ୍ମିରଞ୍ଜନ ସାହୁ, ଦେବାଶିଷ ସାହୁ, ପି.କେ. ରାଉତ, ସରୋଜ ରଞ୍ଜନ ଦାସ, ମହମ୍ମଦ ଅଜଗର ଅଲ୍ଲୀ, ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁଗୋଳ ଜିଲାରେ ସୁଧୁରୁଛି ଏଡ୍ସ ସ୍ଥିତି

# ତଥାପି ନମ୍ବର ୨ ସ୍ଥାନ

(ଦିନେଶ ଦେହୁରୀ)
ବନ୍ତଳା, ୩୦।୧୧

- ୨୦୧୩-୧୪ରେ ଥିଲେ ୧୮୯ ରୋଗୀ
- ୨୦୧୭-୧୮ରେ ସଂଖ୍ୟା ୧୧୫କୁ ହ୍ରାସ
- ରାଜ୍ୟରେ ୧ନଂ.ରେ ରହିଛି ଗଞ୍ଜାମ ଜିଲା



ଏଚ୍ଆଇଭି ବା ଏଡ୍ସ ଆକ୍ରାନ୍ତଙ୍କ ସଂଖ୍ୟାରେ ରାଜ୍ୟରେ ଆଗରେ ରହିଛି ଗଞ୍ଜାମ। ପଛକୁ ଅର୍ଥାତ୍ ଦ୍ୱିତୀୟ ସ୍ଥାନରେ ଅଛି ଅନୁଗୋଳ। ହେଲେ ଚଳିତବର୍ଷ ଅନୁଗୋଳ ଜିଲା ସ୍ଥିତିରେ ସାମାନ୍ୟ ସୁଧାର ପରିଲକ୍ଷିତ ହୋଇଛି। ପୂର୍ବାପେକ୍ଷା ଆକ୍ରାନ୍ତଙ୍କ ସଂଖ୍ୟା କମିଛି। ତଥାପି ସ୍ୱାସ୍ଥ୍ୟବିଭାଗ ରିପୋର୍ଟରେ ଅନୁଗୋଳ ନଂ. ୨ ସ୍ଥାନରେ ଥିବା ଜଣାପଡ଼ିଛି।

ଉକ୍ତ ରିପୋର୍ଟ ଅନୁଯାୟୀ, ଏଡ୍ସକୁ ନେଇ ୪ଟି ଗ୍ରେଡ୍ ଏ, ବି, ସି, ଡି କରାଯାଇଛି। ଗଞ୍ଜାମ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର, ଖୋର୍ଦ୍ଧା ଓ କୋରାପୁଟ ଜିଲାରେ ଏଚ୍ଆଇଭି ପ୍ରବଣତା ଅଧିକ ରହିଛି। ଢେଙ୍କାନାଳ, ଦେବଗଡ଼, ଯାଜପୁର ଆଦି ଜିଲାରେ ଏହି ପ୍ରବଣତା ନାହିଁ। ୨୦୧୭ରେ ଅନୁଗୋଳ ଏ' କାଟେଗୋରିରେ ଥିଲା। ଏପରି କି ଜିଲାର ଅନ୍ୟ ବ୍ଲକ ତୁଳନାରେ ଅନୁଗୋଳ ବ୍ଲକ ଆକ୍ରାନ୍ତଙ୍କ ସଂଖ୍ୟାରେ ଆଗରେ ଥିଲା। ଅନୁଗୋଳ ବ୍ଲକ ଓ ସହର ଗୋଟିଏ ହୋଇଥିବାବେଳେ ନିକଟରେ ତାଳଚେର କୋଇଲାଖଣି, ଜିନ୍ଦଲ, ଭୂଷଣ, ନାଲ୍କୋ ଆଦି କାରଖାନା ରହିଛି। ଏଥିରେ କାର୍ଯ୍ୟ କରୁଥିବା ବହୁ ଶ୍ରମିକ ରାଜ୍ୟ ବାହାରର। ଏହାଛଡ଼ା ବାହାର ରାଜ୍ୟରୁ ହଜାର ହଜାର ଟ୍ରକ୍ ଜିଲାକୁ ଚଳାଚଳ କରୁଛି। ଅନୁଗୋଳ ସହର ଓ ବ୍ଲକ ଅଞ୍ଚଳରେ ଅଧିକାଂଶ ଆକ୍ରାନ୍ତ ଶ୍ରମିକ ରହୁଥିବା ଯୋଗୁ ଏହି ସଂଖ୍ୟା ବୃଦ୍ଧି ପାଇଥିଲା। ସେହିପରି ୨୦୧୩-୧୪ରେ ଅନୁଗୋଳ ଜିଲାରେ ମୋଟ୍ ୧୮୯ ଜଣଙ୍କ ରକ୍ତରେ ଏଡ୍ସ ରୋଗ ଥିବା ଜଣାପଡ଼ିଥିଲା। ସେଥିରେ ୧୧୫ ପୁରୁଷ, ୫୪ ମହିଳା ଓ ୨୦ ଶିଶୁ ଥିଲେ। ସେହିବର୍ଷ ୪୨ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୪-୧୫ରେ ହୋଇଥିବା ରକ୍ତ ପରୀକ୍ଷାରୁ ୧୭୦ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୧୦୪ ପୁରୁଷ, ୫୮ ମହିଳା ଏବଂ ୮ ଜଣ ଶିଶୁ ଥିଲେ। ଉକ୍ତ ବର୍ଷ ମଧ୍ୟ ୪୨ ଆକ୍ରାନ୍ତ ପ୍ରାଣ ହରାଇଥିଲେ। ୨୦୧୫-୧୬ରେ ୯୯ ପୁରୁଷ, ୪୪ ମହିଳା ଓ ଜଣେ ଶିଶୁଙ୍କୁ ମିଶାଇ ମୋଟ୍ ୧୪୪ ଜଣଙ୍କ ରକ୍ତରୁ ଏଡ୍ସ ପଜିଟିଭ ବାହାରିଥିଲା। ସେହି ବର୍ଷ ୩୯ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୬-୧୭ରେ ୧୩୧ ଜଣଙ୍କଠାରେ ପଜିଟିଭ ଚିହ୍ନଟ ହୋଇଥିଲା। ସେଥିରେ ୭୭ ଜଣ ପୁରୁଷ, ୪୪ ଜଣ ମହିଳା ଓ ୧୦ ଶିଶୁ ଥିଲେ। ୪୬ ଆକ୍ରାନ୍ତ ପ୍ରାଣ ହରାଇଥିଲେ। ୨୦୧୭-୧୮ରେ ହୋଇଥିବା ରକ୍ତ ପରୀକ୍ଷାରୁ ୬୭ ପୁରୁଷ, ୩୭ ମହିଳା ଓ ୧୧ ଶିଶୁଙ୍କୁ ମିଶାଇ ମୋଟ୍ ୧୧୫ ଜଣଙ୍କ ଠାରେ ଏଡ୍ସ ଥିବା ଜଣାପଡ଼ିଥିଲା। ସେହିବର୍ଷ ୪୪ ଜଣଙ୍କ ଜୀବନ ନେଇଥିଲା ଏହି ରୋଗ। ତେବେ ୨୦୧୮ ଅକ୍ଟୋବର ସୁଦ୍ଧା ମାତ୍ର ୭୮ ଜଣଙ୍କଠାରେ ପଜିଟିଭ ଚିହ୍ନଟ ହୋଇଛି। ଏଥିରେ ୪୩ ଜଣ ପୁରୁଷ, ୩୧ ମହିଳା ଓ ୪ ଜଣ ଶିଶୁ ରହିଛନ୍ତି। ଏହି ସମୟ ମଧ୍ୟରେ ୩୬ ଜଣଙ୍କ ମୃତ୍ୟୁ ହୋଇଛି। ଜିଲାରେ ଏଡ୍ସ ନିରାକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ବୃଦ୍ଧି ପାଉଥିବାବେଳେ ଅନୁଗୋଳରେ ୨ଟି, ଛେଣ୍ଡିପଦା, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, କିଶୋରନଗର, ଖମାର, ଏମ୍ସିଏଲ୍ ଓ ଜେଏସ୍ପିଏଲ୍ରେ ଗୋଟିଏ ଲେଖାଏଁ ସମନ୍ୱିତ ପରାମର୍ଶ ରକ୍ତ ପରୀକ୍ଷା କେନ୍ଦ୍ର କାର୍ଯ୍ୟ କରୁଛି। ଏଥିସହ ୩ଟି ଏନ୍ଜିଓ ଡିମେଡିକ୍ସ, ୟୁଏସ୍ଏସ୍, ଏସ୍ଏଆର୍ସି ପକ୍ଷରୁ ଏଡ୍ସ ହ୍ରାସ ନିମନ୍ତେ ଉଦ୍ୟମ ଜାରି ରହିଛି। ଓଡ଼ିଶା ଷ୍ଟେଟ୍ ଏଡ୍ସ କଣ୍ଟ୍ରୋଲ ଏଥିପାଇଁ ଅର୍ଥ ଯୋଗାଇ ଦେଉଛନ୍ତି। ଜିଲାରେ ୩ ଶହ ଯୌନକର୍ମୀ ଥିବା ବେଳେ ଦୈନିକ ଏଡ୍ସ ଆକ୍ରାନ୍ତଙ୍କ କାଉନସିଲିଂ କରାଯାଉଛି। ସମସ୍ତଙ୍କ ପରିଚୟ ଗୋପନୀୟ ରଖାଯାଇଥିବା ଜିଲା ପ୍ରକଳ୍ପ ସଂଯୋଜିକା ପ୍ରମିଳା ହୋତା ପ୍ରକାଶ କରିଛନ୍ତି।

**୨୦୧୭-୧୮ ବ୍ଲକସ୍ତରୀୟ ଆକ୍ରାନ୍ତଙ୍କ ରିପୋର୍ଟ**

| ବ୍ଲକ ନାମ | ପୁରୁଷ | ମହିଳା | ଶିଶୁ | ସମୁଦାୟ |
|---|---|---|---|---|
| ଅନୁଗୋଳ | ୧୧ | ୮ | ୨ | ୨୧ |
| ବଣ୍ଟିଁରପାଳ | ୯ | ୩ | ୧ | ୧୩ |
| ତାଳଚେର | ୧୬ | ୮ | ୨ | ୨୬ |
| ପାଲଲହଡ଼ା | ୩ | ୦ | ୦ | ୩ |
| କିଶୋରନଗର | ୭ | ୪ | ୧ | ୧୨ |
| କଣିହାଁ | ୩ | ୦ | ୧ | ୪ |
| ଆଠମଲ୍ଲିକ | ୪ | ୩ | ୦ | ୭ |
| ଛେଣ୍ଡିପଦା | ୫ | ୬ | ୩ | ୧୪ |
| ବାହାର ଜିଲାର | ୮ | ୫ | ୧ | ୧୪ |
| ବାହାର ରାଜ୍ୟର | ୧ | ୦ | ୦ | ୧ |

# ଜଳିଗଲା ଫଳ ଦୋକାନ, ଘର



ଅନୁଗୋଳ ପାଡେଲି ଟାକୁଆ ପୋଲ ନିକଟରେ ଥିବା ସଂସାର ସାହୁଙ୍କ ଘର ପୋଡି ଯାଇଛି।

ବଣ୍ଟିଁରପାଳ/ବନ୍ତଳା, ୩୦।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍କୋ ଥାନା ସେଣ୍ଟ୍ରାଲ ମାର୍କେଟ ନିକଟରେ ଥିବା ସୁରଥ ସାହୁଙ୍କ ଫଳ ଦୋକାନରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ୨ହଜାର ଟଙ୍କା ସମେତ ପ୍ରାୟ ୪୦ ହଜାର ଟଙ୍କାର ଫଳ ଜଳିଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି। ନିଆଁ ବ୍ୟାପି ନିକଟରେ ଥିବା ବିଜୟ ପାଳଙ୍କ ପୂଜା ସାମଗ୍ରୀ ଦୋକାନ ମଧ୍ୟ ଛାରଖାର ହୋଇଯାଇଛି। ନାଲ୍କୋ ପୋଲିସ ପହଞ୍ଚି ତଦନ୍ତ କରିଛି। ସେହିପରି ଅନୁଗୋଳ ଥାନା ପାଡେଲି ଟାକୁଆ ପୋଲ ନିକଟରେ ଥିବା ସଂସାର ସାହୁଙ୍କ ୩ ବଖରା ଦୋକାନ ଘର ଜଳିଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସେ ଅଭିଯୋଗ କରିଛନ୍ତି।

# ଟିପ୍ପର ଧକ୍କାରେ ବାଇକ୍ ଆରୋହୀ ମୃତ

ଓଡ଼ାପଡ଼ା, ୩୦।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ମେରାମଣ୍ଡଳୀ ବାଇପାସ୍ ନିକଟରେ ଶୁକ୍ରବାର ଅପରାହ୍ନରେ ଟିପ୍ପର (ଓଆର୍ ୧୬ ଡି ୨୮୪୫) ଧକ୍କାରେ ଅଥାନୀ ପ୍ରଧାନ (୪୩)ଙ୍କ ମୃତ୍ୟୁ ଘଟିଛି। ଏଥିରେ ଭାଗୀରଥି ଭୁକ୍ତା ଗୁରୁତର ହୋଇଛନ୍ତି। କଣ୍ଟାବଣିଆ ଥାନା ଆମନା ଗ୍ରାମର ଅଥାନୀ ଏବଂ ସଞ୍ଜପଡ଼ା ଗ୍ରାମର ଭାଗୀରଥି ଏକ ବାଇକ୍ରେ ବଣ୍ଟିଁରପାଳ ଆଡ଼କୁ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଉକ୍ତ ଟିପ୍ପର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ସେଠାରେ ଅଥାନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଭାଗୀରଥିଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଧାନକ୍ରୟ କମିଟି ବୈଠକ

# କିଣାଯିବ ୧୦ ହଜାର କୁଇଣ୍ଟାଲ ଧାନ



ଭୁବନ, ୩୦।୧୧(ଡି.ଏନ.ଏ.)

**ଭୁବନ ସେବା ସମବାୟ ସମିତି**

- ୩ ତାରିଖରୁ ଆରମ୍ଭ ହେବ ମଣ୍ଡି
- ୮୩୫ ଚାଷୀଙ୍କ ନାମ ପଞ୍ଜୀକରଣ

ଆସନ୍ତା ଡିସେମ୍ବର ୩ରୁ ଢେଙ୍କାନାଳ ଜିଲାରେ ରବି ଧାନ କିଣାଯିବାକୁ ପ୍ରଶାସନିକସ୍ତରରେ ନିଷ୍ପତ୍ତି ହୋଇଛି। ଧାନ ସଂଗ୍ରହ, ଠିକ୍ ସମୟରେ ମିଲରଙ୍କୁ ଧାନ ଦେବା, ମଣ୍ଡି ପରିଚାଳନା ପ୍ରଶାସନ ଲାଗି ଚ୍ୟାଲେଞ୍ଜ ହୋଇଥିବାବେଳେ ଏହାକୁ ସୁରୁଖୁରୁରେ ସାରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୁବନ ସେବା ସମବାୟ ସମିତି ପକ୍ଷରୁ ଧାନକ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ସମ୍ପାଦକ ମାତୃପ୍ରସାଦ ମିଶ୍ର ଯୋଗଦେଇ ଧାନକିଣା ନିୟମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ। ଭିଏଡବ୍ଲ୍ୟୁ ଜୟନ୍ତୀ ଦାସ, ଚିତ୍ରଲେଖା ଦଳନାୟକ, ଅଗ୍ରଣୀ ଚାଷୀ ଭରତ ପୃଷ୍ଟି, ପଣ୍ଡିତ ଗୁରୁ, ଅର୍ଜୁନ ପୃଷ୍ଟି, ସୁରେନ୍ଦ୍ର ପୃଷ୍ଟି, ଶିଶିର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ଚଳିତବର୍ଷ ଭୁବନ ମଣ୍ଡିରେ ୧୦ ହଜାର କୁଇଣ୍ଟାଲ ଧାନ କିଣିବାକୁ ବିଭାଗ ପକ୍ଷରୁ ଅନୁମତି ମିଳିଛି। ଏଯାଏ ସମିତି ଅଧୀନ ୮୩୫ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ମା' ତାରିଣୀ ଆଗ୍ରୋଟେକ୍, ନ୍ୟାଚୁରାଲ ଆଗ୍ରୋଟେକ୍ ସଂସ୍ଥାକୁ ଧାନକ୍ରୟ ଅନୁମତି ଦିଆଯାଇଛି। ମଣ୍ଡିର ସୁପରିଚାଳନାରେ ଏକାଠି ହୋଇ କାମ କରିବାକୁ ସମସ୍ତ ସଦସ୍ୟ ସହମତି ଜଣାଇଥିବା ସମ୍ପାଦକ ସୂଚନା ଦେଇଛନ୍ତି। ଅନ୍ୟପଟେ ଗତବର୍ଷ ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଚଳିତବର୍ଷ ଏହାର ଯେପରି ପୁନରାବୃତ୍ତି ନ ହୁଏ ସେଥିଲାଗି ଦୃଷ୍ଟି ଦେବାକୁ ସମ୍ପାଦକ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

# ରେଞ୍ଜର ହରମୋହନଙ୍କୁ ମହାବିରୋଡ଼ ବନାଞ୍ଚଳ ଦାୟିତ୍ୱ

ପରଜଙ୍ଗ, ୩୦।୧୧(ଡି.ଏନ.ଏ.)



ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ବନାଞ୍ଚଳର ନୂତନ ରେଞ୍ଜର ଭାବେ ଶୁକ୍ରବାର ଦାୟିତ୍ୱ ନେଇଛନ୍ତି ହରମୋହନ ନାୟକ। ଏଠାରେ କାର୍ଯ୍ୟରତ ରେଞ୍ଜର ସୁରେଶ ଚନ୍ଦ୍ର ବେହେରାଙ୍କ ଅବସର ପରେ ବିଭାଗ ପକ୍ଷରୁ ହରମୋହନଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିପୂର୍ବରୁ ସେ ଢେଙ୍କାନାଳ ସଦର ରେଞ୍ଜର ଭାବେ କାର୍ଯ୍ୟରତ ଥିଲେ। ଫରେଷ୍ଟର ବିଶ୍ୱନାଥ ସୋରେନ୍, ରାମଚନ୍ଦ୍ର ରାଉତ, ଅଜିତ୍ ଦଳେଇ, ଅମର ପ୍ରସାଦ ନନ୍ଦ, ଗାର୍ଡ ପ୍ରହଲ୍ଲାଦ ପ୍ରଧାନ, କ୍ରିଷ୍ଣାପ୍ରିୟା ସାହୁଙ୍କ ସମେତ ହାତୀ ସ୍କ୍ୱାଡ୍ କର୍ମଚାରୀ ଉପସ୍ଥିତ ରହି ନୂତନ ରେଞ୍ଜରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ହରମୋହନ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଅଞ୍ଚଳରେ ବଢୁଥିବା ହାତୀ ଉପଦ୍ରବ ରୋକିବାକୁ ଅଗ୍ରାଧିକାର ଦିଆଯିବ। ଏଥିସହ ଜଙ୍ଗଲ ସୁରକ୍ଷା, କାଠ ଚୋରି ରୋକିବାକୁ ସେ ପ୍ରାଥମିକତା ଦେବେ।


**ପୂର୍ବ ତଟ ରେଳପଥ**

**ତାଳଚେର ଠାରୁ କଣିହାଁ (ଏନ୍ଟିପିସି ସାଇଡିଂ) ବ୍ରଡ୍ ଗେଜ୍ ଲାଇନ୍ ପର୍ଯ୍ୟନ୍ତ ଓଭରହେଡ୍ ଟ୍ରାକ୍ସନ୍ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା**

ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥ ଅଧୀନସ୍ଥ ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25000 ଭୋଲ୍ଟ, 50 Hz, AC ଓଭରହେଡ୍ ଟ୍ରାକ୍ସନ୍ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପର ଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ୍ରେ ସବୁ ସମୟ ପାଇଁ ବିଦ୍ୟୁତ୍ ପ୍ରବାହିତ ହେବ। ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|
| ତାଳଚେର ଠାରୁ କଣିହାଁ (ଏନ୍ଟିପିସି ସାଇଡିଂ) ବ୍ରଡ୍ ଗେଜ୍ ଲାଇନ୍ | ଖୋର୍ଦ୍ଧା ରୋଡ୍ | ତା.30.12.2018ରିଖ |

ଦ୍ରଷ୍ଟବ୍ୟ : ତାଳଚେର ସ୍ଥିତ ଷ୍ଟେସନ ୟାର୍ଡ଼ଗୁଡ଼ିକର OHE ଲାଇନ୍ଗୁଡ଼ିକରେ ପୂର୍ବରୁ 25000 ଭୋଲ୍ଟ AC ଦ୍ୱାରା ବିଦ୍ୟୁତ୍ ପ୍ରବାହ ହୋଇସାରିଛି।

**AC 25 KV ଟ୍ରାକ୍ସନର ପ୍ରଚଳନ**
**'ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା'**

ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ତାଳଚେର ଠାରୁ କଣିହାଁ (ଏନ୍ଟିପିସି ସାଇଡିଂ) ବ୍ରଡ୍ ଗେଜ୍ ଲାଇନ୍ରେ 25,000 ଭୋଲ୍ଟ AC ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡ଼ିକଠାରେ କୌଣସି ବୋଝେଇ ଗାଡ଼ି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ 4.67 ମିଟର ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି।
ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ।
ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :
i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ।
ii) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଗାଡ଼ି ପ୍ରତି ବିପଦ।
iii) ବିଦ୍ୟୁତ୍ ପରିବାହୀ ସଂସ୍ପର୍ଶରେ ଆସିବା କିମ୍ବା ନିକଟବର୍ତ୍ତୀ ହେବା ଦ୍ୱାରା ଅଗ୍ନି ଭୟ ସହିତ ଜୀବନ ହାନୀର ବିପଦ ଆଶଙ୍କା।

PR-88/CB/18-19
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II), ଭୁବନେଶ୍ୱର





## ସଂକ୍ଷେପରେ

### ଜିଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୩୦।୧୧- ଅନୁଗୋଳ ଜିଲାପାଳଙ୍କ ଡିସେମ୍ବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଅନିଲ କୁମାର ସାମଲ ଓ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେବେ। ଡିସେମ୍ବର ୩ (ସୋମବାର) ପୂର୍ବାହ୍ନ ୧୦ଟାରେ ଜନଶୁଣାଣି କାର୍ଯ୍ୟକ୍ରମ ବଣ୍ଟରପାଳ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସେହିପରି ୧୦ ତାରିଖ ପୂର୍ବାହ୍ନ ୧୦ଟାରେ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ, ୧୭ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ, ୨୪ ତାରିଖ ପୂର୍ବାହ୍ନ ୧୦ଟାରେ କଣିହାଁ ବ୍ଲକ କାର୍ଯ୍ୟାଳୟ ଓ ୩୧ ତାରିଖ ପୂର୍ବାହ୍ନ ୧୦ଟାରେ ଏହି ଶିବିର ଜିଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ୨୪ ତାରିଖ ଅପରାହ୍ନ ୩ଟାରେ କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ପ୍ରଶାସନ ପକ୍ଷରୁ ଅବଗତ କରଯାଇଛି।

### ସପ୍ତମ କଲରବେଲ୍ଟ ପରୀକ୍ଷା ଶେଷ

ଅନୁଗୋଳ ଅଫିସ, ୩୦।୧୧ - ତାଳଚେର ଟାଏକୋଣ୍ଡୋ ଏକାଡେମୀ ସମ୍ପାଦକ ପ୍ରମୋଦ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସପ୍ତମ କଲରବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ ପରୀକ୍ଷା ନେଇଥିଲେ। ଶିବିରରେ ଜିଲା ସମ୍ପାଦକ ଦୁଷ୍ମନ୍ତ କୁମାର ନାଥ, ବଣ୍ଟରପାଳ ସଂଘ ସମ୍ପାଦକ ଦିଗମ୍ବର ନାହାକ, ମାରସାଲ ଆର୍ଟ ଟାଏକୋଣ୍ଡୋ ସଂଘ ସମ୍ପାଦିକା ନମିତା ରାଉତ, ସୁଶାନ୍ତ ପ୍ରଧାନ, ଅଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ରେଫ୍‌ରି ପ୍ରଦୀପ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୭୦ ପ୍ରତିଯୋଗୀ ଭାଗ ନେଇଥିଲେ।

### ବାଦୀ ଦଣ୍ଡ ପ୍ରତିଯୋଗିତା

ତାଳଚେର,୩୦।୧୧(ନି.ପ୍ର.)- ତାଳଚେର ପୌରାଞ୍ଚଳ ୧୧ ନଂ. ୱାର୍ଡ଼ରେ 'ସଂଗ୍ରାମୀ ଯୁବ ଚେତନା ସେବା ସଂଘ' ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ବାଦୀ ଦଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଡ଼ସନ୍ତ୍ରୀ ଦଣ୍ଡ ଦଳ ଏବଂ କାଣ୍ଡସର ଦଣ୍ଡ ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଭୟ ଦଳ ସମାନ ରହିଥିଲେ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ର ନାରାୟଣ ପାଣି ମୁଖ୍ୟଅତିଥି ଏବଂ ବିଶିଷ୍ଟ ଅତିଥି ଭାବେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଯୋଗଦେଇଥିଲେ। ପୁରାତନ କଳା, ସଂସ୍କୃତି ଧୀରେ ଧୀରେ ଲୋପ ପାଇବାକୁ ବସିଥିବାବେଳେ ଏଭଳି ଅନୁଷ୍ଠାନ ଲୋକକଳାକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରୁଥିବାରରୁ ଅତିଥିମାନେ ପ୍ରଶଂସା କରିଥିଲେ। ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ପୂର୍ବତନ କାଉନସିଲର ପ୍ରକାଶ ମହାରଣା, ଜିତେନ୍ଦ୍ର ଦାସ, ଯଶୋବନ୍ତ ଦାସ, ପର୍ଶୁରାମ ବାରିକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ସନାତନ ନାଏକ, ଶିବ ନାଏକ, କହ୍ନେଇ ନାଏକ, ବସନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ତାଳଚେର, ୩୦।୧୧(ନି.ପ୍ର.)- ତାଳଚେର ବ୍ଲକ ସେଣ୍ଟ୍ରାଲ କଲୋନୀରେ ଜିତେନ୍ଦ୍ର ନାଏକଙ୍କ ସ୍ତ୍ରୀ କବିତା (୨୮) ଗୁରୁବାର ରାତିରେ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। କଲିୟାରୀ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶୁକ୍ରବାର ତଦନ୍ତ କରିବା ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ନଂ. ୩୨/୧୮ରେ ଅପମୃତ୍ୟୁ ରୁଜୁ କରାଯାଇଛି।

### ଶହେ ଟନ୍ ଚୋରା କୋଇଲା ଜବତ

ତାଳଚେର,୩୦।୧୧(ନି.ପ୍ର.)- ତାଳଚେର ବ୍ଲକ ତାଳବେଡା ଗ୍ରାମ ନିକଟସ୍ଥ ପିତାବଳୀ ଅଞ୍ଚଳରୁ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ପୋଲିସ ଏକ ଟ୍ରକ୍‌ରୁ ଶହେ ଟନରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ କରିଛି। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଆଇଆଇସି ସୌଭାଗ୍ୟ ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ଦୁର୍ବୃତ୍ତମାନେ ସେଠାରୁ ପଳାଇଥିଲେ। ଏହି କୋଇଲା ଟ୍ରକ ଲିଙ୍ଗରାଜ ଖଣି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି । ଲିଙ୍ଗରାଜ ଖଣିରୁ କୋଇଲା ଅଣାଯାଇ ଏଠାରୁ ଟ୍ରକ ଯୋଗେ ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଏ ବୋଲି ଜଣାପଡିଛି।

## ■ସମୟ ଗଡୁଛି, ଖର୍ଚ୍ଚ ବଢୁଛି

# ସରୁନି ଲିନ୍ସ୍ଲରି ପ୍ରୋଜେକ୍ଟ

(ଉପେନ୍ଦ୍ର ରାଉତ)
ବଣ୍ଟରପାଳ,୩୦।୧୧

■ସମୟସୀମା ଥିଲା ୧୧ ମାସ
■ଅତିକ୍ରାନ୍ତ ହେଲାଣି ୮ ବର୍ଷ
■ଅଧିକ ବ୍ୟୟବରାଦ ୯୮ କୋଟି

ନବରତ୍ନ ପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ପାଇଁ ପାଉଁଶ ନିଷ୍କାସନ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ତାପଜ ବିଦ୍ୟୁତ୍ କେନ୍ଦ୍ର (ସିପିପି)ରୁ ବାହାରୁଥିବା ପାଉଁଶ ଗଚ୍ଛିତ କରିବା ପାଇଁ ଆଶ୍‌ପଣ୍ଡରେ ଜାଗାର ଅଭାବ ରହୁଛି। ଏହାର ସମାଧାନ ପାଇଁ ନାଲ୍‌କୋ କର୍ତ୍ତୃପକ୍ଷ ୨୦୧୧ରେ ଲାଇଫ୍ ଲାଇନ କୁହାଯାଉଥିବା ଲିନ୍ସ୍ଲରି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ ସହ ୧୧ମାସ ସମୟ ଧାର୍ଯ୍ୟ କରିଥିଲେ। କିନ୍ତୁ ୮ ବର୍ଷ ବିତିଯାଇଥିଲେ ବି ଏଯାଏ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଇତିମଧ୍ୟରେ ବ୍ୟୟବରାଦ ପାଖାପାଖି ଦୁଇଗୁଣ ହୋଇଯାଇଛି। ଏ ନେଇ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ସ୍ମେଲଟର ପ୍ଲାଣ୍ଟ ଚଳାଇବା ପାଇଁ ନାଲ୍‌କୋର ନିଜସ୍ୱ ବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହାର କ୍ଷମତା ୧୨ ଶହ ମେଗାୱାଟ୍। ଏଥିରେ ମୋଟ୍ ୧୦ଟି ୟୁନିଟ୍ ଥିବାବେଳେ ପ୍ରତିଟିରୁ ୧୨୦ ମେଗାୱାଟ୍ ଶକ୍ତି ଉତ୍ପାଦନ ହୋଇଥାଏ। ଏଥିପାଇଁ ଦୈନିକ ୧୫ ରୁ ୧୬ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ ପଡ଼ିଥାଏ। କୋଇଲା ବ୍ୟବହାର ପରେ ବାହାରୁଥିବା ପାଉଁଶକୁ କର୍ତ୍ତୃପକ୍ଷ ଆଶ୍‌ପଣ୍ଡକୁ ପଠାଇଥାନ୍ତି। ତେବେ ଅଧିକ ପାଉଁଶ ଗଚ୍ଛିତ ରଖିବା ପାଇଁ ଆଶ୍‌ପଣ୍ଡର ଆଉ କ୍ଷମତା ନାହିଁ।


ଅଧାପନ୍ତରିଆ ହୋଇ ପଡ଼ିଥିବା ଲିନ୍ସ୍ଲରି ପ୍ରୋଜେକ୍ଟ।

ତେଣୁ ପାଉଁଶ ସମସ୍ୟାର ସ୍ଥାୟୀ ସମାଧାନ ଓ ପ୍ଲାଣ୍ଟର ଭବିଷ୍ୟତକୁ ନଜରରେ ରଖି ନାଲ୍‌କୋ ପକ୍ଷରୁ ଲିନ୍ସ୍ଲରି ପ୍ରୋଜେକ୍ଟ ହାତକୁ ନିଆଯାଇଥିଲା। ସିପିପିରୁ ପାଇପ୍ ଯୋଗେ ତାଳଚେର ଖଣି ଅଞ୍ଚଳକୁ ପାଉଁଶମିଶା ପାଣି ପଠାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଗୋତମରା, ବଳରାମପ୍ରସାଦ, ପିଙ୍ଗୁଆ, କୁଶପଙ୍ଗୀ, ଟେଣ୍ଟୋଇ, ଏକଘରିଆ, କୁକୁଡ଼ାଙ୍ଗ, ଗୋବରା, କନ୍ନପୁରୁ, ବଡ଼ଜରଡ଼ା, ବଳରାମପ୍ରସାଦ ଆଦି ଗ୍ରାମ ଦେଇ ନାଲ୍‌କୋ ରେଳଧାରଣା ପାର୍ଶ୍ୱରେ ଏହି ଲିନ୍ସ୍ଲରି ପାଇପ୍ ବିଛାଯିବା ପାଇଁ ଯୋଜନା ରହିଥିଲା। ଏଥିପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ୨୦୧୧ରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଷା ପ୍ରୋଜେକ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନାମକ ଠିକା ସଂସ୍ଥାକୁ ନାଲ୍‌କୋ ତରଫରୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୧୧ ମାସ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଇତି ମଧ୍ୟରେ ୮ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଠିକା ସଂସ୍ଥା ମଧ୍ୟ ଅଧାରୁ କାମ ଛାଡ଼ି ପଳାଇଛି। କିଛି ମାସ ହେଲା ଆଉ ଏକ ଠିକା ସଂସ୍ଥା ବ୍ରିଜ୍ ଏଣ୍ଡ ରୁଫ୍ କାର୍ଯ୍ୟାଦେଶ ପାଇଛି। ଏବେ ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ଅଧିକ ୯୯ କୋଟି ୮୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା ହୋଇଛି। ପ୍ରକଳ୍ପର ଏପରି ଧିମାଗତି ଓ ଅଧିକ ବ୍ୟୟବରାଦ ଯୋଗୁ ନାଲ୍‌କୋ କ୍ଷତି ସହୁଥିବାରୁ ଏ ନେଇ ଶ୍ରମିକ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେଜଣ ଉଚ୍ଚ ଅଧିକାରୀ ଓ ଠିକାଦାର ଏଥିରୁ ଫାଇଦା ଉଠାଉଥିବା ଶ୍ରମିକ ମହଲରେ ଆଲୋଚନା ହେଉଛି।

ଏ ସମ୍ପର୍କରେ ନାଲ୍‌କୋ ଶ୍ରମିକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଭବ ଜେନା କୁହନ୍ତି, ୧୧ ମାସର ଲିନ୍ସ୍ଲରି ପ୍ରୋଜେକ୍ଟକୁ ୮ ବର୍ଷ ଲଗାଯିବା ଓ କାର୍ଯ୍ୟ ସମାପ୍ତ ନ ହେବା ଦୁଃଖର ବିଷୟ। ବିଦ୍ୟୁତ୍ ମଜଦୁର ସଂଘ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ, ଏନ୍‌ଏନ୍‌ଇୟୁ ସାଧାରଣ ସମ୍ପାଦକ ନିର୍ମଳ ଶତପଥୀ ପ୍ରମୁଖ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏମ୍ପ୍ଲଇଜ ସଂଘ ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ କୁହନ୍ତି, ଜାଣିଶୁଣି ଏହାକୁ ବିଳମ୍ବ କରାଯାଇ ଆଶ୍‌ପଣ୍ଡର ଉଚ୍ଚତା ବୃଦ୍ଧି ପାଇଁ ଯୋଜନା କରାଯାଉଛି। ଲିନ୍ସ୍ଲରି ପ୍ରୋଜେକ୍ଟ ଦାୟିତ୍ୱରେ ଥିବା ମହାପ୍ରବନ୍ଧକ ଏସ୍.କେ. ମିଶ୍ର କହିଛନ୍ତି, ଆଉ ଅଳ୍ପ ଦିନ ମଧ୍ୟରେ ପ୍ରକଳ୍ପ ସମାପ୍ତ ହେବ। ଏଥିପାଇଁ ଜୋରଦାର ଉଦ୍ୟମ ଜାରି ରହିଛି। କେତେକ ଅଞ୍ଚଳରେ ଜାଗା ସମସ୍ୟା ଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ତୁରନ୍ତ ଏହାର ସମାଧାନ କରାଯିବ।

# ୩୬୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ମଦନମୋହନ ଧର୍ମଶାଳାଠାରେ ଡାକ୍ତରୀ ଟିମ୍ ସହ ଅନ୍ୟମାନେ।

ତାଳଚେର, ୩୦।୧୧(ନି.ପ୍ର.)

ଜେସିଆଇ ଅନୁଗୋଳ ଶାଖା ଓ ତାଳଚେର ମାରୁୱାଡି ସମାଜ ପକ୍ଷରୁ ମଦନ ମଦନ ମୋହନ ଧର୍ମଶାଳାଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ହସ୍ପିଟାଲର ଡାକ୍ତର ସୁଦୀପ୍ତ ଆଚାର୍ଯ୍ୟ, ପ୍ରିୟଙ୍କା ସାମଲ, ପ୍ରାସ କୁମାର ମିଶ୍ର, ବିଶ୍ୱଜିତ ନନ୍ଦ, ରଞ୍ଜିତ ପାଣିଗ୍ରାହୀ, ସୁରଭି ଦାସ ଯୋଗଦେଇ ୩୬୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ଜେସିଆଇ ଅନୁଗୋଳର ସଭାପତି ଆଶିଷ ଅଗ୍ରୱାଲ, ମାରୁୱାଡି ସମାଜର ସଭାପତି ଅର୍ଜୁନ ଅଗ୍ରୱାଲ, ଜେସିଆଇର ପ୍ରକଳ୍ପ ନିର୍ଦ୍ଦେଶକ ଆନନ୍ଦ ଅଗ୍ରୱାଲ, କୁଶଳ ଅଗ୍ରୱାଲ, ଶୁଭକାନ୍ତ ଆଚାର୍ଯ୍ୟ, ବାସୁଦେବ ସାହୁ, ରାଜେଶ ଗୁପ୍ତା, ଶଙ୍କର ଲାଲ ମୋଦି, ମେନୁଆ ମୋଦି ପ୍ରମୁଖ ସହଯୋଗ କରିଥିଲେ।

# ସୁସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱ

ଛେଣ୍ଡିପଦା,୩୦।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ପୋଲିସ ପକ୍ଷରୁ ପାଟକମୁଣ୍ଡା ପଞ୍ଚାୟତ ଅଫିସ ଠାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ନିର୍ମଳା ଗୋଚ୍ଛାୟତଙ୍କ ତତ୍ତ୍ୱାବଧାନରେ ଏହି ବୈଠକରେ ଆଇନଶୃଙ୍ଖଳା ପରିସ୍ଥିତି, ଲୋକଙ୍କ ସହ ସୁସମ୍ପର୍କ ରଖିବା ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ପାଟକମୁଣ୍ଡା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁକଦେବ ସାହୁ, ସରପଞ୍ଚ ଡିଲେଶ୍ୱର ସ୍ୱାଇଁ, କାଶୀନାଥ ସାହୁ, ଉମାକାନ୍ତ ପ୍ରଧାନ, ପ୍ରସନ୍ନ ସ୍ୱାଇଁ, ଚତୁରୀ ବେହେରା, ରୀନା ସାହୁ, ବୀରେନ ସାହୁଙ୍କ ସମେତ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି ଯୋଗ ଦେଇଥିଲେ।

# ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବଇଣ୍ଡା,୩୦।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ଶୁକ୍ରବାର ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ଯୁବତୀଯୁବକ, ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଶଂଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗିରିଶ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ସେହିପରି ଜାମୁନାଳୀ ହାଇସ୍କୁଲ ଖେଳ ପଡ଼ିଆଠାରେ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି କିଶୋରନଗର ଯୁବ ସଭାପତି ପ୍ରତାପ କୁମାର ମାଝି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୁବ ବାହିନୀର ବ୍ଲକ ସଂଯୋଜକ ତପନ ସାହୁ, ସମିତିସଭ୍ୟ ଲକ୍ଷ୍ମୀଧର ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ସୁନୀଲ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ପୋଲିସ ଆସିବା ପୂର୍ବରୁ ଅଭିଯୋଗକାରୀ ଫେରାର

ବଣ୍ଟରପାଳ, ୩୦।୧୧(ଡି.ଏନ.ଏ.)

ବଣ୍ଟରପାଳ ଥାନା ବଉଳିଗଡ ନିକଟରେ ଶୁକ୍ରବାର ଜଣେ ଯୁବକ ନିଜକୁ ଫାଇନାନ୍ସ କର୍ମଚାରୀ ବୋଲି ପରିଚୟ ଦେବା ସହ ସେ ଲୁଟ୍‌ର ଶିକାର ହୋଇଥିବା ସ୍ଥାନୀୟ ଲୋକଙ୍କୁ କହିଥିଲେ। ଏ ନେଇ ଲୋକେ ପୋଲିସକୁ ଖବରଦେବାପରେ ସେ ସେଠାରୁ ଫେରାର ହୋଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଞ୍ଚଳବାସୀଙ୍କ କହିବା ମୁତାବକ, ସମ୍ପୃକ୍ତ ଯୁବକ ଏକ ବାଇକ୍‌ରେ ବଉଳିଗଡ ଆସି ତାଙ୍କଠାରୁ ଦୁର୍ବୃତ୍ତମାନେ ୫ ହଜାର ଟଙ୍କା ଓ ଲାପ୍‌ଟପ୍ ଲୁଟିନେଇଥିବା କହିଥିଲେ। ଏ ନେଇ ଥାନାରେ ଖବର ଦେବାକୁ କହିବାରେ ସେ ମନା କରିଥିଲେ। ସନ୍ଦେହ ହେବାରୁ ଅଞ୍ଚଳର କେତେଜଣ ଯୁବକ ମହୀଧରପୁର ଫାଣ୍ଡିକୁ ଜଣାଇଥିଲେ। ହେଲେ ପୋଲିସ ସେଠାରେ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ଯୁବକ କେଉଁଆଡେ ଚାଲିଯାଇଥିଲେ। ସେ ଲୋକଙ୍କ ଠାରୁ ଟଙ୍କା ସଂଗ୍ରହ କରି ସଂସ୍ଥାରେ ଜମା କରିଥାନ୍ତି ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ଫାଣ୍ଡି ଅଧିକାରୀ ଗୋକୁଳା ନନ୍ଦ ପଣ୍ଡା କୁହନ୍ତି, କର୍ମଚାରୀ ଜଣକ ଠକ ବୋଲି ସନ୍ଦେହ କରାଯାଉଛି। ପୋଲିସ ପହଞ୍ଚିବା ପୂର୍ବରୁ ସେ ଫେରାର ହୋଇଯାଇଥିବା ପଣ୍ଡା କହିଛନ୍ତି।

## ୩୯୨ ଛାତ୍ରୀଛାତ୍ରଙ୍କୁ ଫିଲ୍ଟର ପ୍ରଦାନ



ଏନ୍‌ଟିପିସି କଣିହାଁ ବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ ସିଏସ୍‌ଆର୍ ଯୋଜନାରେ ପି. ଏମ୍. ହାଇସ୍କୁଲର ୩୯୨ ଛାତ୍ରୀଛାତ୍ରଙ୍କୁ ୱାଟର ଫିଲ୍‌ଟର ପ୍ରଦାନ କରାଯାଇଛି। ପ୍ରକଳ୍ପର ଏଜିଏମ କେ.ଏସ୍. ଶର୍ମା, ଡିଜିଏମ୍ ପି. କେ. ସାହୁ, ଏମ. ଭି. ରାଓ, ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ସୂଚନା ଅଧିକାର ଆଇନରେ ମିଳୁନି ତଥ୍ୟ

ଭୋଗରାଇ,୩୦।୧୧(ଡି.ଏନ.ଏ.)

ପ୍ରଶାସନ ଓ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା ଲାଗି ସୂଚନା ଅଧିକାର ଆଇନ ବଳରେ ଲୋକଙ୍କୁ ତଥ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ହେଲେ ଆବେଦନକାରୀଙ୍କୁ ଆବଶ୍ୟକ ତଥ୍ୟ ମିଳୁ ନାହିଁ। ଏଭଳି ପରିସ୍ଥିତି ଜାରି ରହିଲେ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସାମାଜିକ କର୍ମୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ରଘୁନାଥ ମହାନ୍ତି ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭିନ୍ନକ୍ଷମ ଭତ୍ତା, ଅନ୍ତୋଦୟ ଓ ଅନ୍ନପୂର୍ଣ୍ଣା ଯୋଜନାରେ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତିରେ ଅନିୟମିତତା ସହ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅର୍ଥ ହଡ଼ପ କରାଯାଇଛି । ସେହିପରି ଆବାସ ଯୋଜନାରେ ଗୋଟିଏ ଘରକୁ ଦୁଇଜଣ ହିତାଧିକାରୀଙ୍କ ନାମରେ ଦିଆଯାଇ ବିଲ୍ ଉଠାଇ ନିଆଯାଇଛି। ହେଲେ ସୂଚନା ଅଧିକାର ଆଇନ୍ ବଳରେ ଏ ନେଇ ତଥ୍ୟ ଦିଆଯାଉ ନାହିଁ। ଏ ସମ୍ପର୍କରେ ଭୋଗରାଇ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଏହାର ଅନୁଧ୍ୟାନ ଓ ତଦନ୍ତ କରି ପଦକ୍ଷେପ ନିଆଯିବ।

# ପଦକ୍ଷେପ ନ ନେଲେ ଆନ୍ଦୋଳନ


ବ୍ଲାଷ୍ଟିଙ୍ଗ ଯୋଗୁ ଘର ଫାଟି ଯାଇଛି।

ତାଳଚେର, ୩୦।୧୧(ନି.ପ୍ର.)

ତୁରନ୍ତ ଜମି ଅଧିଗ୍ରହଣ କରି କ୍ଷତିଗ୍ରସ୍ତଙ୍କୁ ଉଚିତ ପ୍ରାପ୍ୟ ଓ ନିଯୁକ୍ତି ପ୍ରଦାନ କରିବାକୁ ଜିଲାପାଳଙ୍କଠାରେ ଦାବି କରିଛନ୍ତି ତାଳଚେର ବ୍ଲକ ବୀରରାମଚନ୍ଦ୍ରପୁର ଗ୍ରାମବାସୀ। ଅଭିଯୋଗ ମୁତାବକ, ୧୦ବର୍ଷ ତଳେ ଗ୍ରାମର ୧୬୨ ଏକର ଜମି ଅଧିଗ୍ରହଣ ନିମନ୍ତେ ୪(୧)ନୋଟିସ ଜାରି କରାଯାଇଥିଲା । କିନ୍ତୁ ପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ଫଳରେ ଗ୍ରାମବାସୀ ନିଜ ଜମି ଜରୁରୀ ସମୟରେ ବିକ୍ରି ମଧ୍ୟ କରି ପାରୁନାହାନ୍ତି। ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ କିମ୍ବା ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଇନାହିଁ। ଗ୍ରାମଠାରୁ ୩ ଶହ ମିଟର ଦୂରରେ ଭୁବନେଶ୍ୱରୀ ଖଣିରେ ବ୍ଲାଷ୍ଟିଙ୍ଗ ହେଉଥିବାରୁ ଘରଦ୍ୱାର ଫାଟି ଯାଉଛି। ପ୍ରଚଣ୍ଡ ଶବ୍ଦ ସହ ପ୍ରଦୂଷଣ, ପାନୀୟ ଜଳ ସମସ୍ୟା ଯୋଗୁ ଅଞ୍ଚଳରେ ରହିବା କଷ୍ଟକର ହୋଇପଡୁଛି। ଆଗାମୀ ୭ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଡିସେମ୍ବର ୭ରେ ଖଣିବନ୍ଦ ଆନ୍ଦୋଳନ କରାଯିବ ବୋଲି ବିଜୟ ସାହୁ, କୁମର ସାହୁ, ସୁବ୍ରତ କୁମାର ସାହୁ, ମଦନମୋହନ ସାହୁ, ହୃଦାନନ୍ଦ ସାହୁ, ସୁରେନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ■ରାଶନ ପାଇଁ ୪ ଗ୍ରାମର ହିତାଧିକାରୀ ହନ୍ତସନ୍ତ

# ଚାଉଳ ବୋହି ଚାଲୁଛନ୍ତି ୧୦ କିମି

ଆଠମଲ୍ଲିକ, ୩୦।୧୧(ଡି.ଏନ.ଏ.)

■୬ ମାସ ହେଲା ଲାଗିରହିଛି ସମସ୍ୟା
■ଶୁଣୁନି ଯୋଗାଣ ବିଭାଗ, ପ୍ରଶାସନ

ନା ପାଖରେ ଅଛି ଡିଲର ସେଣ୍ଟର ନା ବାହାରକୁ ଯିବାକୁ ଅଛି ରାସ୍ତା ସୁବିଧା। ଫଳରେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ତପଡା ପଞ୍ଚାୟତର ୪ ଗ୍ରାମର ହିତାଧିକାରୀ ରାଶନ ସାମଗ୍ରୀ ପାଇବାକୁ ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ତଥା ଜିଲା ପ୍ରଶାସନକୁ ଅବଗତ ସତ୍ତ୍ୱେ କେହି ଶୁଣୁ ନ ଥିବାରୁ ହିତାଧିକାରୀମାନେ ରାଶନ ଜିନିଷ ଆଣିବାକୁ ୧୦ କିମି ଦୂରରେ ଥିବା ଡିଲର ସେଣ୍ଟର ଉପରେ ନିର୍ଭର କରୁଛନ୍ତି। ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ହେଲା ଅସୁବିଧା ଲାଗି ରହିଥିଲେ ହେଁ ଏହାର ସମାଧାନ କରାଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି ଗ୍ରାମବାସୀ।

ସୂଚନାଯୋଗ୍ୟ, କନ୍ତପଡା ପଞ୍ଚାୟତର ଗୋପୀନାଥପୁର, ରଏଡା, ମୁରାରିପୁର ଓ କେଞ୍ଜୁଆନାଳୀ ଗ୍ରାମବାସୀ ଗୋପୀନାଥପୁର ଡିଲର ସେଣ୍ଟରରୁ ଚାଉଳ, କିରୋସିନ ଆଦି ରାଶନ ସାମଗ୍ରୀ ପାଉଥିଲେ। ହେଲେ ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ସେଣ୍ଟରର ଡିଲର ହୃଦୟ ପ୍ରଧାନ ସରପଞ୍ଚ ପ୍ରାର୍ଥୀ ହେବାରୁ ତାଙ୍କୁ ଡିଲରଶିପ୍ ଛାଡିବାକୁ ପଡିଥିଲା। ଏହା ପରେ କନ୍ତପଡା ପଞ୍ଚାୟତ ପକ୍ଷରୁ ରାଶନ ସାମଗ୍ରୀ ଗାଁ ଗାଁ ଯାଇ ଯୋଗାଇ ଦିଆଯାଉଥିଲା। ପରେ ପଞ୍ଚାୟତ ଏହି କାର୍ଯ୍ୟରୁ ନିବୃତ୍ତ ହେବାରୁ କନ୍ତପଡା ଡିଲରଙ୍କୁ ଏହାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ହେଲେ କନ୍ତପଡା ଡିଲର ସେଣ୍ଟରଟି ଉକ୍ତ ୪ ଗ୍ରାମଠାରୁ ୧୦ କିମି ଦୂରରେ ଥିବାରୁ ହିତାଧିକାରୀ ସାମଗ୍ରୀ ଆଣିବାରେ କଷ୍ଟ ଭୋଗୁଛନ୍ତି। ମୁଖ୍ୟତଃ ଏଠାକୁ ରାସ୍ତାଘାଟ ନ ଥିବାରୁ ୪ ଗ୍ରାମର ହିତାଧିକାରୀ ପାଦଚଲା ରାସ୍ତା ଦେଇ ରାଶନ ସାମଗ୍ରୀ ଆଣିବାକୁ ବାଧ୍ୟ ହେଉଛନ୍ତି। ବହୁ ସମୟରେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ଫେଲ୍ ରହୁଥିବାରୁ ହିତାଧିକାରୀଙ୍କୁ ବାରମ୍ବାର ଡିଲର ସେଣ୍ଟରଠାରୁ ଫେରିବାକୁ ପଡୁଛି। ଏ ନେଇ ୪ ଗ୍ରାମର ୨୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କେଞ୍ଜୁଆନାଳୀ ଗ୍ରାମର ହରଗୌରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଡିଲର ସେଣ୍ଟର ଦେବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି କ୍ରମେ ହରଗୌରୀ ଗୋଷ୍ଠୀ ଡିଲର ସେଣ୍ଟର ପାଇଁ ଯୋଗାଣ ବିଭାଗକୁ ଆବେଦନ କରିଥିଲେ। ଯୋଗାଣ ବିଭାଗ ଏହି ଆବେଦନକୁ ବ୍ଲକ ପ୍ରଶାସନ ନିକଟକୁ ପଠାଇବା ପରେ ବ୍ଲକ ଯୋଗଣ ନିରୀକ୍ଷକ ବିଡିଓଙ୍କୁ ହସ୍ତାନ୍ତର କରିଥିଲେ। ମାତ୍ର ବିଡିଓ ସବିଶେଷ ବିବରଣୀ ଯୋଗାଣ ଅଧିକାରୀଙ୍କୁ ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଆଠମଲ୍ଲିକ ଓ ଜିଲା ପ୍ରଶାସନକୁ ବହୁବାର ଜଣାଯିବା ସତ୍ତ୍ୱେ ମାତ୍ର କୌଣସି ସୁଫଳ ମିଳିନାହିଁ। ତେଣୁ ତୁରନ୍ତ କେଞ୍ଜୁଆନାଳୀରେ ଡିଲର ସେଣ୍ଟର କରାଯିବାକୁ ଦାବି ହୋଇଛି। ହରଗୌରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ସେଣ୍ଟର ଦେବାକୁ ସଭାପତି ଦ୍ରୌପଦୀ ଦେହୁରୀ, ସମ୍ପାଦିକା ସବିତା ପ୍ରଧାନ, ସଭ୍ୟା କକେୟା ପ୍ରଧାନ, କୁମ ଦେହୁରୀ, ସାଇଁତା ଭୋଇ, କୁମାରୀ ଭୋଇ ପ୍ରମୁଖ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କୁ ଯୋଗାଯୋଗ କରିବାରେ କହିଲେ, ଏହି ସମସ୍ୟା ସମ୍ପର୍କରେ ମୋ ନିକଟରେ ଆବେଦନ କରାଯାଇଛି। ଖୁବ୍ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ।

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଡିସେମ୍ବର ୧ /୨୦୧୮ Dhenkanal, Saturday, December 1 / 2018

## ସଂକ୍ଷେପରେ

### ଡିସେମ୍ବର ୧୪ରେ ରେଳରୋକୋ

ବଇଣ୍ଡା,୩୦।୧୧(ଡି.ଏନ୍.ଏ.)- କିଶୋରନଗର ବ୍ଲକ ବାମୁରଠାରେ ଡିସେମ୍ବର ୧୪ରେ ରେଳରୋକୋ କରାଯିବ। ବାମୁର ଷ୍ଟେଶନ ଦେଇ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ଯାଉଥିଲେ ମଧ ଏଠାରେ ରହଣି କରୁ ନ ଥିବାରୁ ବାମୁର ରେଳ ଉପଭୋକ୍ତା କମିଟି ଏହି ନିଷ୍ପତ୍ତି ନେଇଛି। ଏ ନେଇ ଶୁକ୍ରବାର କମିଟି ପକ୍ଷରୁ ବାମୁର ଦୁର୍ଗାମଣ୍ଡପ ନିକଟରେ ଏକ ବୈଠକ ବସିଥିଲା। କମିଟି ସମ୍ପାଦକ ସଞ୍ଜୀବ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୃପାସିନ୍ଧୁ ବିଶ୍ୱାଳ, ଦୀନବନ୍ଧୁ ପ୍ରଧାନ, ସଞ୍ଜୟ ପ୍ରଧାନ, ସଞ୍ଜୟ ଦାସ, ଗୌରଚନ୍ଦ୍ର ସାହୁ, ବଳରାମ ସାହୁ, ଦୀତିକୃଷ୍ଣ ମାଝି, ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ। ରେଳରୋକୋ କିଭଳି ସଫଳ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଉଦ୍ୟାନ ଚାଷୀଙ୍କୁ ପ୍ରଶିକ୍ଷଣ

ଛେଣ୍ଡିପଦା,୩୦।୧୧(ଡି.ଏନ୍.ଏ.)- ଅନୁଗୋଳ ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ପଦ୍ମ ଲୋଚନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଉପଖଣ୍ଡ ଛେଣ୍ଡିପଦା, ବଣଁରପାଳ ଏବଂ ଅନୁଗୋଳ ବ୍ଲକର ୩୦ ଅଗ୍ରଣୀ ଚାଷୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି। ଏଥିସହ ଚାଷୀଙ୍କ କ୍ଷେତ୍ର ପରିଭ୍ରମଣ କାର୍ଯ୍ୟକ୍ରମ ମଧ କରାଯାଉଛି। ଉଦ୍ୟାନ କୃଷି ବାବଦରେ ଚାଷୀଙ୍କୁ ସବିଶେଷ ଧାରଣା ଦେବା ଲକ୍ଷ୍ୟରେ ପଶ୍ଚିମବଙ୍ଗର କୋଲକାତା କୃଷି ବିଶ୍ୱ ବିଦ୍ୟାଳୟଠାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି। ଏହି କାର୍ଯ୍ୟକ୍ରମ ୪ଦିନ ଧରି ଚାଲିବ। ସହକାରୀ ଉଦ୍ୟାନ ଅଧିକାରୀ ଅମୀୟ କୁମାର ସ୍ୱାଇଁ ଓ ମାନସୀ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

### ଯାତ୍ରାରେ ଅଧିଆ ପଡ଼ିଲେ ଶ୍ରଦ୍ଧାଳୁ



ଛେଣ୍ଡିପଦା,୩୦।୧୧(ଡି.ଏନ୍.ଏ.)- ଛେଣ୍ଡିପଦା ବ୍ଲକ କୁକୁରପେଟା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ବାର୍ଷିକ ଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଦୁଇ ଦିନ ଧରି ଚାଲିଥିବା ଏହି ଯାତ୍ରାରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ପ୍ରତିମାକୁ ଢୋଲ, ବାଦ୍ୟ, ମାଦଳ, ନାମ ସଂକୀର୍ତ୍ତନ, ବାଜା ବାଜଣା ଯୋଗେ ପଟୁଆରରେ ଗ୍ରାମ ମଣ୍ଡପ ଠାରୁ ଦେବୀ ପୀଠ ପର୍ଯ୍ୟନ୍ତ ଅଣାଯାଇଥିଲା। ପ୍ରାୟ ୨୫ ଜଣ ମହିଳା ଶ୍ରଦ୍ଧାଳୁ ପୀଠରେ ଅଧିଆ ପଡିଥିଲେ। ଏହାସହ ବହୁ ସଂଖ୍ୟକ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ଦୁଇ ରାତି ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଜୁ ଯୁବ ବାହିନୀ ସଦସ୍ୟମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଯାତ୍ରା ତଥା ଗ୍ରାମ ପରିଚାଳନା କମିଟି ପକ୍ଷରୁ ଯାତ୍ରା ପଡିଆ ସ୍ଥିତ ସୂଚନା କେନ୍ଦ୍ରଠାରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସରପଞ୍ଚ ମୋହନ ଚନ୍ଦ୍ର ସାହୁ, ସମିତି ସଭ୍ୟ ପ୍ରଦୀପ କୁମାର ଗଡନାୟକ, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୭୪ ସ୍କୁଲରେ ହେବ ସଚେତନତା କାର୍ଯ୍ୟକ୍ରମ

**ବିଜୁ କନ୍ୟାରତ୍ନ ଯୋଜନା ଟାସ୍କଫୋର୍ସ କମିଟି ବୈଠକ**

ଅନୁଗୋଳ ଅଫିସ, ୩୦।୧୧

ଶିଶୁ କନ୍ୟାଙ୍କ ସୁରକ୍ଷା ନିମନ୍ତେ ଜିଲାରେ ପାଇଲଟ ପ୍ରକଳ୍ପ ଭାବେ ଚାଲୁଥିବା କନ୍ୟାରତ୍ନ ଯୋଜନାରେ ସଚେତନତା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନିମନ୍ତେ ୨୩ ତମ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକ ଗୁଡ଼ିକରେ ଚାଲୁଥିବା ସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଗତବର୍ଷ ଜିଲାର ୫୬ଟି ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ୭୪ଟି ଉଚ୍ଚ ବିଦ୍ୟାଳୟରେ ଏହା କରାଯିବାକୁ ସ୍ଥିର କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ୫ ଜଣ ଝିଅ ଦେବାଶ୍ରିତା ସ୍ୱୟଂଜିତା ସାହୁ, ଗୀତା ମାଝି, ସସ୍ମିତା ବିଶ୍ୱାଳ, ଭୂମିକା ନାୟକ, ଦେବକୀ ନାୟକଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ଅଧିକାରୀ ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ସଚିଦାନନ୍ଦ ବେହେରା ଓ ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା.ରାକେଶ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ସମ୍ବର୍ଦ୍ଧିତ ଝିଅମାନଙ୍କ ସମେତ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଗୌରୀଶଙ୍କର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ।






■ମାଓବାଦୀ ପ୍ରବଣ ଅଞ୍ଚଳ ଠାକୁରଗଡ଼

# ସଙ୍କଟରେ ସାଧାରଣଙ୍କ ସୁରକ୍ଷା




- ୧୭ ସ୍ଥାନରେ ଅଛନ୍ତି ୪ ପୋଲିସ
- କଡ଼ାକଡ଼ି ହୋଇପାରୁନି ପାଟ୍ରୋଲିଂ
- ଡକାୟତି, ଚୋରା ମଦ କାରବାର ବଢୁଛି
- ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ

ବଇଣ୍ଡା,୩୦।୧୧(ଡି.ଏନ୍.ଏ.)

୪ ପୋଲିସ କର୍ମଚାରୀଙ୍କୁ ନେଇ ଚାଲିଛି ଅନୁଗୋଳ ଜିଲା ଠାକୁରଗଡ ଥାନା। ଆବଶ୍ୟକ ୧୭ରୁ ଏଠାରେ ଖାଲି ପଡିଛି ୧୩ ପଦବୀ। ଫଳରେ ଏହି ଥାନା ଉପରେ ନିର୍ଭର କରୁଥିବା ୧୧ ପଞ୍ଚାୟତବାସୀ ଉପଯୁକ୍ତ ପୋଲିସ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଅସନ୍ତୁଷ୍ଟ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଅଭିଯୋଗପତ୍ର ପ୍ରେରଣ କରିଛନ୍ତି। ତୁରନ୍ତ ଏହି ଥାନାରେ ଆବଶ୍ୟକ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ, ଠାକୁରଗଡ଼ ଏକ ମାଓପ୍ରବଣ ଅଞ୍ଚଳ। ଏଠାରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡାକଡି ହେବା ପରିବର୍ତ୍ତେ ଥାନାରେ କର୍ମଚାରୀ ନାହାନ୍ତି। ଫଳରେ ଏହା ଉପରେ ନିର୍ଭରଶୀଳ ୧୧ ପଞ୍ଚାୟତର ୧୨୫ ଗ୍ରାମର ବାସିନ୍ଦା ପୋଲିସ ସେବା ପାଇପାରୁନାହାନ୍ତି। ଜଣେ ଆଇଆଇସି, ଜଣେ ସେକେଣ୍ଡ ଅଫିସର, ୫ ଏଏସଆଇ, ୧୦ କନ୍‌ଷ୍ଟେବଳ ଆବଶ୍ୟକ ଥିବାବେଳେ ମାତ୍ର ଜଣେ ଏଏସ୍‌ଆଇ, ଜଣେ ଆଇଆଇସି, ୨ ଜଣ କନଷ୍ଟେବଳଙ୍କୁ ନେଇ ଥାନା ଚାଲୁଛି। ଜଣେ ସେକେଣ୍ଡ ଅଫିସର, ୮ କନଷ୍ଟେବଳ, ୪ ଏଏସ୍‌ଆଇ ପଦବୀ ଖାଲି ପଡିଥିଲେ ମଧ ଏହା ପୂରଣ କରାଯାଉନାହିଁ। ଅନେକ ସମୟରେ ଲୋକେ ସମସ୍ୟା ନେଇ ଥାନାକୁ ଆସୁଥିଲେ ହେଁ ପୋଲିସ ନ ଥିବାରୁ ଅପେକ୍ଷା କରି ଫେରିବାକୁ ବାଧ ହେଉଛନ୍ତି। ଏହି ଥାନା ଅଧୀନରେ ଲକ୍ଷ୍ମୀପୁର, ଟେଣ୍ଟୋଲି, ବିପ୍ରଡ଼ିହ, କେଞ୍ଝୁଆନାଳୀ, କଂସାବ, କୋରାବ ଆଦି ଅଞ୍ଚଳ ମାଓ ପ୍ରବଣ ହୋଇଥିବାବେଳେ ପୋଲିସ ପ୍ରହରା ଅଭାବରୁ ମାଓବାଦୀମାନେ ନୟାଗଡ଼, ସାତକୋଶିଆ ଅଞ୍ଚଳରୁ ଆସି ଏଠାରେ ନିର୍ଭୟରେ ଚଳପ୍ରଚଳ କରୁଛନ୍ତି। ସେହିପରି ମଇମୁରା, ଆମ୍ବଶରମୁଣ୍ଡା ପଞ୍ଚାୟତରେ ଥିବା ଜଙ୍ଗଲରୁ ବେଧଡକ ବନ୍ୟପ୍ରାଣୀ ଶିକାର ସହ ମାଂସ, ଚମଡା ଚାଲାଣ, ଗଛ କଟା ଆଦି ଚାଲିଛି। ପେଡିପଥର, ସାପଘରା, ଟାପଢୋଲ, କନ୍ତପଡ଼ା, ପାଇକସାହି, ସାନହୁଲା, କୁର୍ଡ଼ିବାସପୁର, ଠାକୁରଗଡ଼, କୁରୁମଟାବ ଅଞ୍ଚଳରେ ଚୋରା ମଦ କାରବାର ରୋକଯାଇପାରୁନାହିଁ। ରାତି ପାଟ୍ରୋଲିଂ କରାଯାଇ ପାରୁ ନ ଥିବାରୁ ଡକାୟତ, ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଗତ ଅକ୍ଟୋବର ୫ରେ ସେକେଣ୍ଡ ଅଫିସର ଭାବେ କାର୍ଯ୍ୟ କରୁଥିବା ରଘୁନାଥ ମୁଣ୍ଡା ଏକ ହତ୍ୟା ମାମଲାରେ ଠିକ୍ ଭାବେ ତଦନ୍ତ ନ କରିପାରିବା ଅଭିଯୋଗରେ ନିଲମ୍ବିତ ହେବା ପରେ ଉକ୍ତ ପଦବୀ ଖାଲି ପଡିଛି। ତୁରନ୍ତ ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇ ଉକ୍ତ ଥାନାରେ କର୍ମଚାରୀ ଯୋଗାଇଦେବାକୁ ଦାବି ହୋଇଛି। ଏ ନେଇ ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, କର୍ମଚାରୀ ଅଭାବ ଥିଲେ ମଧ ଲୋକଙ୍କୁ ଠିକ୍ ଭାବେ ସେବା ଯୋଗାଇ ଦେଉଛୁ। ପାଟ୍ରୋଲିଂ ବ୍ୟବସ୍ଥା ମଧ କଡ଼ାକଡ଼ି କରାଯାଇଛି। ଏ ନେଇ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର କହିଛନ୍ତି, ସରକାର ଅଫିସର ନିଯୁକ୍ତ କଲେ ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ। ଏଥିପ୍ରତି ଦୃଷ୍ଟି ଦିଆଯାଉଛି।

■ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ସମ୍ପର୍କିତ ସଚେତନତା କର୍ମଶାଳା

# ବିକ୍ରୟରୁ ମଧ୍ୟସ୍ଥଙ୍କୁ ଦୂରେଇ ରଖ

ଅନୁଗୋଳ ଅଫିସ, ୩୦।୧୧

ପାଲଲହଡ଼ା କମରଡ଼ିହ ଅନ୍ତର୍ଗତ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ଦ୍ୱାରା ଲଘୁ ବନଜାତ ଦ୍ରବ୍ୟର ଉଚିତ ମୂଲ୍ୟ ସମ୍ପର୍କରେ ଆଦିମ ଜନଜାତିମାନଙ୍କ ମଧରେ ସଚେତନତା ସୃଷ୍ଟି ପାଇଁ ଏକ ଦିନିକିଆ କର୍ମଶାଳା ଜିଲା କାର୍ଯ୍ୟାଳୟ କୋର୍ଟରୁମ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲ ଏହାକୁ ଉଦ୍‌ଘାଟନ କରିବା ସହ ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ କିପରି ସେମାନେ ପାଇବେ ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଓ ସ୍ୱୟଂସହାୟକ ଗୋଷ୍ଠୀ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସଂଗୃହୀତ ଦ୍ରବ୍ୟ ଯେପରି ଉତ୍ତମ ଗୁଣବତ୍ତାର ହେବ ଓ ଦ୍ରବ୍ୟ ବିକ୍ରୟରେ ମଧ୍ୟସ୍ଥଙ୍କ ସମ୍ପୃକ୍ତି ନ ରହେ ସେଥିପ୍ରତି ବିଭାଗୀୟ କର୍ମକର୍ତ୍ତା ସଜାଗ ରହିବାକୁ ଜିଲାପାଳ ସ୍ପଷ୍ଟ କରିଦେଇଥିଲେ। କର୍ମଶାଳାରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗଦେଇ ପାଉଡ଼ିଭୂୟାଁମାନଙ୍କ ଦ୍ୱାରା ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସରକାର ତେନ୍ତୁଳି (ମଞ୍ଜିଲଗା) କିଲୋଗ୍ରାମ ପ୍ରତି ୨୨ ଟଙ୍କା, ମହୁଆ ମଞ୍ଜି ୨୨ ଟଙ୍କା, ଶାଳ ମଞ୍ଜି ୧୦ ଟଙ୍କା, ଶାଳ ପତ୍ର ୨୧ ଟଙ୍କା, କରଞ୍ଜ ମଞ୍ଜି ୨୧ ଟଙ୍କା, ଚାରାମଞ୍ଜି ୧୦୦ ଟଙ୍କା, ହରିଡ଼ା ୧୧ ଟଙ୍କା, କେନ୍ଦୁଲି ଅଠା ୧୦୮ ଟଙ୍କା, ମହୁ ୧୩୨ ଟଙ୍କା ଓ ଲାଖ କୁସୁମ ୨୧୦ ଟଙ୍କା, (ଅନ୍ୟ କିସମ ଲାଖ ରାଗିଣୀ ୨୧୦ ଟଙ୍କା)ର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଛନ୍ତି। ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଉଦିତ୍ କୁମାର ପୁରୋହିତ ଏହି କର୍ମଶାଳା ଆୟୋଜନ କରିଥିଲେ। ଅନ୍ୟମାନଙ୍କ ମଧରେ ଟିଡିସିସିର ଶାଖା ପରିଚାଳକ ଯୋଗେଶ୍ୱର ପାତ୍ର, ଓର୍‌ମାସ କାର୍ଯ୍ୟନିର୍ବାହୀ ନିରୋଦ କୁମାର ଜେନାଙ୍କ ସମେତ ଓଡ଼ିଶା ଜୀବିକା ମିଶନ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ୫୬ କୃତୀ ପ୍ରତିଯୋଗୀ ପୁରସ୍କୃତ

ଅନୁଗୋଳ ଅଫିସ, ୩୦।୧୧

ଅନୁଗୋଳର ବରପୁତ୍ର କର୍ମଯୋଗୀ ବାଳକୃଷ୍ଣ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ବାଳକୃଷ୍ଣ ପଟ୍ଟନାୟକ ଟ୍ରଷ୍ଟ ଆନୁକୂଲ୍ୟରେ ତୁକୁଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସଭାପତି ଅକ୍ଷୟ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ପ୍ରାଧ୍ୟାପକ କୁମୁଦଚନ୍ଦ୍ର ଦାସ ମୁଖ୍ୟ ଅତିଥି, ସାମାଜିକ କର୍ମୀ ରସାନନ୍ଦ ସାହୁ ମୁଖ୍ୟବକ୍ତା, କଲ୍ୟାଣକର ତ୍ରିପାଠୀ, ତୁକୁଡ଼ା ଗ୍ରାମ ସଭାପତି ହୃଷୀକେଶ ସାହୁ ଓ ସରପଞ୍ଚ ତପସ୍ୱିନୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଦିଲୀପ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପଞ୍ଚାୟତରେ ଥିବା ୮ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ୫୬ ଜଣଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



ପୁରସ୍କାର ସହ ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ଼ୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ:**

**ଢେଙ୍କାନାଳ/ଅନୁଗୋଳ:** ରାକେଶ ମହାନ୍ତି (୯୭୭୬୭୦୭୦୦୦/୯୪୩୭୦୩୫୩୯୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨


■୫ ଦିନ ହେଲା ଆନ୍ଦୋଳନରେ କର୍ମଚାରୀ

# ରକ୍ତ ନ ପାଇ ରୋଗୀ ହତାଶ

ଅନୁଗୋଳ ଅଫିସ, ୩୦।୧୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତ ଭଣ୍ଡାର କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ବିଶେଷକରି ୫ ଦିନ ହେଲା ରୋଗୀଙ୍କୁ ରକ୍ତ ମିଳୁନାହିଁ। ଏ ନେଇ ରୋଗୀ ଓ ସମ୍ପର୍କୀୟମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଥିବା ୧୭ ଜଣ କର୍ମଚାରୀ ଗତ ସୋମବାରଠାରୁ ୫ ଦିନ ହେଲା ଭୁବନେଶ୍ୱରରେ ଆନ୍ଦୋଳନ କରୁଛନ୍ତି। ଏଥିଯୋଗୁ ସୋମବାର ରକ୍ତ ଭଣ୍ଡାର କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଏପରି ସ୍ଥିତି ଦେଖି ମୁଖ୍ୟ ଚିକିତ୍ସାଧିକାରୀ ତ୍ରିଲୋଚନ ପ୍ରଧାନ କାମଚଳା ପଦକ୍ଷେପ ନେଇଥିଲେ। କିନ୍ତୁ ତାହା ଯଥେଷ୍ଟ ନ ଥିବା ରୋଗୀମାନେ କହିଛନ୍ତି। ରକ୍ତ ପାଇଁ ରୋଗୀଙ୍କ ସମ୍ପର୍କୀୟମାନେ ରକ୍ତ ଭଣ୍ଡାରକୁ ଯାଉଥିଲେ ମଧ ସେମାନଙ୍କୁ ରକ୍ତ ନ ଥିବା କହି ଫେରାଇ ଦିଆଯାଉଛି। ଏପରି କି ଡୋନର ନେଇ ଗଲେ ମଧ ନିରାଶ ହୋଇ ଫେରିବାକୁ ପଡୁଛି। ଦାତାଙ୍କଠାରୁ ରକ୍ତ ସଂଗ୍ରହ ପାଇଁ ଯଥେଷ୍ଟ କର୍ମଚାରୀ ନ ଥିବାରୁ କାର୍ଯ୍ୟ ହୋଇପାରୁ ନ ଥିବା ସେଠାରେ ଥିବା କର୍ମଚାରୀମାନେ କହୁଛନ୍ତି। ଏ ନେଇ ରକ୍ତଭଣ୍ଡାର ଡାକ୍ତର ବିଶ୍ୱଜିତ ସାମଲ କହିଛନ୍ତି, ସମସ୍ତ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦୁଇ ଜଣ କର୍ମଚାରୀଙ୍କୁ ନେଇ ସମସ୍ତଙ୍କୁ ରକ୍ତ ଦେବା ସମ୍ଭବ ନୁହେଁ। ତଥାପି ଆବଶ୍ୟକତାକୁ ଲକ୍ଷ୍ୟ କରି ରକ୍ତ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୧୦୦ ୟୁନିଟ୍ ରୋଗୀଙ୍କୁ ଦିଆସରିଲାଣି। ଆଉ ପାଖାପାଖି ୧୫୦ ୟୁନିଟ୍ ମହଜୁଦ ରହିଛି। ପୂର୍ବରୁ ଯେତିକି ମଗାଯାଉଥିଲା, ତାହା ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ ମାପି ଚୁପି ଦେବାକୁ ପଡୁଛି। ସେହିପରି ସହରରେ ଥିବା ଘରୋଇ ମେଡିକାଲରେ ସ୍ଥିତି ମଧ ସମାନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡାକ୍ତର ପ୍ରଧାନ କହିଛନ୍ତି, ଦୁଇ ଜଣ କର୍ମଚାରୀଙ୍କୁ ରକ୍ତ ଭଣ୍ଡାରରେ ନିୟୋଜିତ କରାଯାଇଛି। ଆନ୍ଦୋଳନକୁ ଓହ୍ଲାଇଥିବା ଠିକା କର୍ମଚାରୀମାନେ ଆମ ଅଧୀନରେ ନାହାଁନ୍ତି, କି ସେମାନେ କରୁଥିବା ଦାବି ଆମେ ପୂରଣ କରିପାରିବୁ ନାହିଁ। ସରକାର ସେ ନେଇ ନିଷ୍ପତ୍ତି ନେବେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ